# ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ,ହରଭଙ୍ଗା

**ବିଜ୍ଞାପନ ସଂଖ୍ୟା: ୧୦୭୦ / ତାରିଖ: ୨୯ .୦୮ .୨୦୨୬**

ଏତଦ୍ୱାରାସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ ଶିଶୁ ବିକାଶ ପ୍ରକଳ୍ପ ହରଭଙ୍ଗା ଅନ୍ତର୍ଗତ –ନିମ୍ନୋକ୍ତ ଖାଲି ପଡିଥିବା ଅଙ୍ଗନୱାଡି କେନ୍ଦ୍ର ଗୁଡିକର ଅଙ୍ଗନୱାଡି କର୍ମୀ ପଦବୀ ପୂରଣ ନିମନ୍ତେ ଅବଶ୍ୟକୀୟ ଯୋଗ୍ୟତା ଥିବା ପ୍ରାର୍ଥିନୀ ମାନଙ୍କଠାରୁ online ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି ।ଏଣୁ ଇଚ୍ଛୁକ ମହିଳା ପ୍ରାର୍ଥିନୀମାନେ (http://engagement-awc.odisha.gov.in)ରେ(publiclogin) ମାଧ୍ୟମରେ ଆବେଦନ କରିପାରିବେ।ଏହା ବ୍ୟତୀତ ଅଫଲାଇନ ଆବେଦନ ଗ୍ରହଣ କରାଯିବ ନାହିଁ ।ଓଡିଶା ସରକାର ଙ୍କ ମହିଳା ଓ ଶିଶୁ ବିଭାଗ ପତ୍ର ସଂଖ୍ୟା 4970/WCD-ICDS-G-MISC-0033-2022/ତା:15.03.2023 ରିଖ ଏବଂ 15015/ ତା:15.07.2024ରିଖ ଅନୁସାରେ ଯୋଗ୍ୟତା ଥିବା ପ୍ରାର୍ଥିନୀ ମାନେ ସମସ୍ତ ଯୋଗ୍ୟତା ର ପ୍ରମାଣପତ୍ର ନିର୍ଦ୍ଧାରିତ ତାରିଖ ମଧ୍ୟରେonline ମାଧ୍ୟମରେ upload କରି ଆବେଦନ କରିପାରିବେ ।ନିର୍ଦ୍ଧାରିତ ତାରିଖ ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ।

<u>ଖାଲି ଥିବା ଅଙ୍ଗନୱାଡି କେନ୍ଦ୍ର ର ନାମ ଓ କେନ୍ଦ୍ରାଞ୍ଚଳ</u>

| କ୍ରମ ସଂ | ପଞ୍ଚାୟତର ନାମ | ଗ୍ରାମର ନାମ | ଅଙ୍ଗନବାଡି କେନ୍ଦ୍ର ର ନାମ | କେନ୍ଦ୍ରାଞ୍ଚଳର ସର୍ଭେ ତାଲିକା |
|---|---|---|---|---|
| ୧ | ସଂକୁଲୋଇ | ସଙ୍କରଡା | ସଙ୍କରଡା | ସଙ୍କରଡା ଗ୍ରାମର ଘରସଂଖ୍ୟା-୦୧ (ବିଶ୍ୱାମିତ୍ର ଷଣ୍ଢ ) ଠାରୁ ଘରସଂଖ୍ୟା-୮୪ (ଅଜାମିଳ ଦେହୁରୀ ) ଏବଂ ଘରସଂଖ୍ୟା-୧୨୫ (ରବୀନ୍ଦ୍ର ଦିଗାଲ) ଠାରୁ ଘରସଂଖ୍ୟା-୧୨୮ (ରବିନ୍ଦ୍ର ବେହେରା ) ପର୍ଯ୍ୟନ୍ତ |
| | | ପଦାମାଳ | | ପଦାମାଳ ଗ୍ରାମ ର ଘରସଂଖ୍ୟା-୮୫ (ଇନ୍ଦ୍ରମଣି ଭୋଷା ) ଠାରୁ ଘରସଂଖ୍ୟା-୧୨୪ (ଅସମିଲ କର୍ମ ) ପର୍ଯ୍ୟନ୍ତ |
| ୨ | ହରଭଙ୍ଗା | ସୁରୁଣ୍ଡି | ସୁରୁଣ୍ଡି | ସୁରୁଣ୍ଡି ଗ୍ରାମର ଘରସଂଖ୍ୟା-୦୧ (ଇନ୍ଦୁ ବିଶି ) ଠାରୁ ଘରସଂଖ୍ୟା-୨୧୧ (ଶୁଶାନ୍ତ ରଣା ) ପର୍ଯ୍ୟନ୍ତ |
| ୩ | ଲୁଣିବାହଲ | ମଧୁସୁଦନପୁର | ମଧୁସୁଦନପୁର | ମଧୁସୁଦନପୁର ଗ୍ରାମର ଘରସଂଖ୍ୟା-୦୧ (ରଞ୍ଜିତ ଦଳବେହେରା ) ଠାରୁ ଘରସଂଖ୍ୟା-୭୪ (ଭାରତି ମଲ୍ଲିକ ) ପର୍ଯ୍ୟନ୍ତ |
| | ତିଳେଶ୍ୱର | ମାଣିକିପୁର | | ମାଣିକିପୁର ଗ୍ରାମର ଘରସଂଖ୍ୟା-୭୫ (ସୁରେନ୍ଦ୍ର ନାଏକ ) ଠାରୁ ଘରସଂଖ୍ୟା-୧୩୮ (ଅରୁଣ ପ୍ରଧାନ ) ପର୍ଯ୍ୟନ୍ତ |

ଆବେଦନକାରୀ ମାନେ ତା: ୦୩ .୦୯.୨୦୨୬ ରିଖ ଠାରୁ ତା: ୧୭ .୦୯ .୨୦୨୬ ରିଖ ମଧ୍ୟରେ online ମାଧ୍ୟମରେ ଆବେଦନ କରିପାରିବେ । ଅଫଲାଇନ(offline) ରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ତା: ୧୮.୦୯.୨୦୨୬ ରିଖ ପୂର୍ବାହ୍ନ ୧୦ .୩୦ ଘଟିକା ସମୟରେ ଅବେଦନକାରୀଙ୍କ ମୂଳ ପ୍ରମାଣ ପତ୍ର ଗୁଡିକ ଚୟନ କମିଟି ଦ୍ୱାରା ଯାଞ୍ଚ କରାଯିବ ।ତେଣୁ ଆବେଦନକାରୀ ମାନେ online ମାଧ୍ୟମରେ ଆବେଦନ କରିଥିବା ସମସ୍ତ ସାର୍ଟିଫିକେଟ ଗୁଡିକର ଅବିକଳ ନକଲ ଓ ମୂଳ (original certificates) ପ୍ରମାଣ ପତ୍ର ସହିତ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ରେ ଉପସ୍ଥିତ ରହିବେ ।

<u>ଆବେଦନ କରିବା ପାଇଁ ଯୋଗ୍ୟତା :-</u>

୧. ଆବେଦନକାରୀ ସେହି ଅଙ୍ଗନବାଡି କେନ୍ଦ୍ରର ସ୍ଥାୟୀ ବାସିନ୍ଦା ହୋଇଥିବେ ।ସମ୍ପୃକ୍ତ କେନ୍ଦ୍ରାଞ୍ଚଳର ସର୍ଭେ ତାଲିକାରେ ତାଙ୍କର ଘର ଅନ୍ତର୍ଭୁକ୍ତ ହୋଇଥିବ ।

୨. ଆବେଦନକାରୀଙ୍କ ଶିକ୍ଷାଗତ ଯୋଗ୍ୟତା 12ଂପାସ ହୋଇଥିବା ଆବଶ୍ୟକ ଓ ଶିକ୍ଷାଗତ ଯୋଗ୍ୟତା ର (original) ମାର୍କ ଲିଷ୍ଟ , କଲର ପାସଫୋଟୋ ର କପି online ରେ upload କରିଥିବା ଜରୁରୀ ଅଟେ। ଉକ୍ତ ଶିକ୍ଷାଗତ ଯୋଗ୍ୟତା ର ( original) ମାର୍କ ଲିଷ୍ଟର କପି online ରେ ନିର୍ଦ୍ଦିଷ୍ଟ ସ୍ଥାନ ରେ upload କରିବା ଜରୁରୀ ଅଟେ ।

୩. ଆବେଦନକାରୀଙ୍କ ବୟସ 10ଂସାର୍ଟିଫିକେଟ ଅନୁସାରେ ତା: ୦୧/୦୧/୨୦୨୬ ସୁଦ୍ଧା ୧୮ ବର୍ଷରୁ କମ କିମ୍ବା ୩୫ ବର୍ଷରୁ ଅଧିକ ହୋଇନଥିବା

୪. ନିୟମ ଅନୁସାରେ ଅନୁସୂଚିତ ଜାତି/ ଜନଜାତି, ସ୍ୱାମୀ ପରିତ୍ୟକ୍ତା/ବିଧବା/ ପିତୃମାତୃହିନ,ଶାରୀରିକ ଅକ୍ଷମ ବା ଭିନ୍ନକ୍ଷମ ,ନିଃସହାୟ,12ଂରୁ ଉର୍ଦ୍ଧ ଶିକ୍ଷାଗତ ଯୋଗ୍ୟତା ଥିବା ଆବେଦନକାରୀଙ୍କୁ ଗ୍ରେସ ମାର୍କ ଦିଆଯିବ। ଏଥି ନିମନ୍ତେ ଉପଯୁକ୍ତ ପ୍ରମାଣପତ୍ର online ରେ upload କରିବେ।

Scanned with OKEN Scanner

୫.ECCEକାର୍ଯ୍ୟ କରିଥିଲେ ତାର ପ୍ରମାଣ ପତ୍ର । (Under Samagrashiksha / NPEGEL ) ଅପଲୋଡ କରିବେ ।

୬. ଆବେଦନକାରୀ ଆବେଦନ ପତ୍ର ସହିତ ଆବଶ୍ୟକୀୟ ସମସ୍ତ ପ୍ରମାଣପତ୍ର ଯଥା-

କ - ଜାତିଗତ ପ୍ରମାଣ ପତ୍ର ସ୍ଥାନୀୟ ତହସିଲଦାର ଙ୍କ ଦ୍ୱାରା ପ୍ରାପ୍ତ ହୋଇଥିବା ଆବଶ୍ୟକ ।

ଖ - ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର(୬ ମାସ ମଧ୍ୟରେ)ସ୍ଥାନୀୟ ତହସିଲଦାର ଙ୍କ ଦ୍ୱାରା ପ୍ରାପ୍ତ ହୋଇଥିବା ଆବଶ୍ୟକ ।

ଗ - ବୟସର ପ୍ରମାଣପତ୍ର (ମାଟ୍ରିକ certificate)।

ଘ - ବିଧବା ( ସ୍ୱାମିଙ୍କ**death** certificate ) / ଅନାଥ (ସରକାରୀ ସ୍ୱିକୃତି ପ୍ରାପ୍ତ ଅନାଥ ଆଶ୍ରମରୁ ପ୍ରମାଣିତ )/ଭିନ୍ନକ୍ଷମ ( ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଙ୍କ ଠାରୁ ପ୍ରମାଣିତ )/ସ୍ୱାମି ପରିତ୍ୟକ୍ତା(ଅଦାଲତ ରୁ ପ୍ରମାଣିତ )/ଅସହାୟ ଥିଲେ ତାହାର ପ୍ରମାଣପତ୍ର।ଏହି ସମସ୍ତ (original) ପ୍ରମାଣପତ୍ର website ରେ uploadକରିବେ । website ରେ upload ହୋଇନଥିଲେ ବିଚାରକୁ ନିଆଯିବନାହିଁ ।

୭. ଆବେଦନକାରୀ ଓଡିଆ ଭାଷାରେ ସପ୍ତମ / ଦଶମ ଶ୍ରେଣୀ ପାସକରିଥିବେ ଓ ଓଡିଆ ଭାଷାରେ ଲେଖିପଢି ଜାଣିଥିବେ।

କିମ୍ବା

ଉଚ୍ଚ ବିଦ୍ୟାଳୟ ପରୀକ୍ଷା କିମ୍ବା ସମତୁଲ୍ୟ ପରୀକ୍ଷାରେ ଅଣଭାଷା ବିଷୟଗୁଡିକରେ ଓଡିଆ ମାଧ୍ୟମରେ ପରୀକ୍ଷା ଦେଇ ଉତୀର୍ଣ୍ଣ ହୋଇଥିବେ ।

କିମ୍ବା

ସପ୍ତମ ଶ୍ରେଣୀ ର ଶେଷ ପରୀକ୍ଷାରେ ଓଡିଆ ଭାଷାରେ କୌଣସି ବିଦ୍ୟାଳୟରୁ କିମ୍ବା ଓଡ଼ିଶା ସରକାର କିମ୍ବା କେନ୍ଦ୍ର ସରକାରଙ୍କ ସ୍ୱୀକୃତି ପ୍ରାପ୍ତ ଶିକ୍ଷାନୁଷ୍ଠାନରୁ ଉତିର୍ଣ୍ଣ ହୋଇଥିବେ ।

କିମ୍ବା

ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗଦ୍ୱାରା ପରିଚାଳିତ ମଧ୍ୟ ଇଂରାଜିବିଦ୍ୟାଳୟ ସ୍ତରର ଓଡିଆରେ ଉତିର୍ଣ୍ଣ ହୋଇଥିବେ । ଉତିର୍ଣ୍ଣ ହୋଇଥିବାର ପ୍ରମାଣପତ୍ର online ମାଧ୍ୟମରେ upload କରିବେ ।

୮. ପ୍ରାର୍ଥିନୀଙ୍କ ପରିବାର ବିଜ୍ଞାପିତ କେନ୍ଦ୍ରର ପରିସର ଭୁକ୍ତର ପ୍ରମାଣପତ୍ର ( ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ରର survey register ରୁ Xerox copy) ଦାୟିତ୍ୱ ରେ ଥିବା ଅଙ୍ଗନୱାଡି କର୍ମୀଙ୍କ ପକ୍ଷରୁ ଗ୍ରହଣ କରିବେ ।

୯. ପ୍ରାର୍ଥିନୀଙ୍କ ସ୍ଥାୟୀ ବାସିନ୍ଦା , ଶିକ୍ଷାଗତ ଯୋଗ୍ୟତା ଓ ଜାତିଗତ ସମ୍ବନ୍ଧେ ଯଦି କୌଣସି ଆପତ୍ତି / ଅଭିଯୋଗ ଥାଏ ତେବେ ତା:( ୧୮.୦୯.୨୦୨୬ ଠାରୁ ୨୪.୦୯.୨୦୨୬ )ରିଖ ମଧ୍ୟରେ (http://engagement-awc.odisha.gov.in) online ମାଧ୍ୟମରେ ରେ ଅଭିଯୋଗ ଦେଇପାରିବେ ।

ସ୍ୱା.ମ. ଦାଶ
ତା ୨୮.୦୮.୨୦୨୫

ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ହରଭଙ୍ଗା (ଚାରିଛକ)

ପରିପତ୍ର ସଂଖ୍ୟା: 1071 / ତାରିଖ: ୨୯ .୦୮ .୨୦୨୬

ଏହାର ଏକ କିତା ନକଲ ଏହି କାର୍ଯ୍ୟାଳୟର ନୋଟିସ ବୋର୍ଡ ରେ ବହୁଳ ପ୍ରଚାର ପାଇଁ ଛପାଗଲା / ୩ କିତା ନକଲ ସମ୍ପୃକ୍ତ ଭାରପ୍ରାପ୍ତ ଅଙ୍ଗନୱାଡି କର୍ମୀ ସଙ୍କରଡା, ସୁରୁଣ୍ଡି, ମଧୁସୁଦନପୁରକୁ କେନ୍ଦ୍ରାଞ୍ଚଳର ୩ଟି ମଧ୍ୟସ୍ଥାନରେ ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଛାପିବା ପାଇଁ ନିର୍ଦ୍ଦେଶ ଦିଆଗଲା।

ସ୍ୱା.ମ. ଦାଶ
ତା ୨୮.୦୮.୨୦୨୫

ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ହରଭଙ୍ଗା (ଚାରିଛକ)

ପରିପତ୍ର ସଂଖ୍ୟା: 1072 / ତାରିଖ: ୨୯ .୦୮ .୨୦୨୬

ଏହାର ଏକ କିତା ନକଲ ସମ୍ପୃକ୍ତ ମଣ୍ଡଳ ପରିଦର୍ଶିକା ହରଭଙ୍ଗା ଓ ତିଳେଶ୍ୱରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା

ସ୍ୱା.ମ. ଦାଶ
ତା ୨୮.୦୮.୨୦୨୫

ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ହରଭଙ୍ଗା (ଚାରିଛକ)

ପରିପତ୍ର ସଂଖ୍ୟା: 1073 / ତାରିଖ: ୨୯ .୦୮ .୨୦୨୬

ଏହାର ଏକ କିତା ନକଲ ସଂକୁଲୋଇ , ହରଭଙ୍ଗା , ଲୁଣିବାହଲ, ତିଳେଶ୍ୱର ଗ୍ରାମ ପଞ୍ଚାୟତର ସରପଞ୍ଚ ଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ନୋଟିସ ବୋର୍ଡ ରେ ଛାପିବା ପାଇଁ ଅନୁରୋଧ କରାଗଲା।

ସ୍ୱା.ମ. ଦାଶ
ତା ୨୮.୦୮.୨୦୨୫

ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ହରଭଙ୍ଗା (ଚାରିଛକ)

ପରିପତ୍ର ସଂଖ୍ୟା: 1074 / ତାରିଖ: ୨୯ .୦୮ .୨୦୨୬

ଏହାର ଏକକିତାନକଲ ଅଧ୍ୟକ୍ଷ୍ୟ/ଉପାଧ୍ୟକ୍ଷ୍ୟ ପଞ୍ଚାୟତ ସମିତି ହରଭଙ୍ଗା ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା

ସ୍ୱା.ମ. ଦାଶ
ତା ୨୮.୦୮.୨୦୨୫

ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ହରଭଙ୍ଗା (ଚାରିଛକ)

ପରିପତ୍ର ସଂଖ୍ୟା: 1075 / ତାରିଖ: ୨୯ .୦୮ .୨୦୨୬

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ,ବୌଦ୍ଧ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ବୌଦ୍ଧ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ହରଭଙ୍ଗା, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ,ଆଡେଣୀଗଡ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ,ହରଭଙ୍ଗା,ଗୋଷ୍ଠୀ ଶିକ୍ଷା ଅଧିକାରୀ ହରଭଙ୍ଗାଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା।

ସ୍ୱା.ମ. ଦାଶ
ତା ୨୮.୦୮.୨୦୨୫

ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ହରଭଙ୍ଗା (ଚାରିଛକ)

Scanned with OKEN Scanner